To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

୨୦୩୦ ବେଳକୁ ଭାରତ ବିଶ୍ୱ ଅର୍ଥନୀତିରେ ଶୀର୍ଷସ୍ଥାନ ଅଧିକାର କରିବ : ରାଜନାଥ ସିଂ

R.N.I. No.-42041/83 Vol-15, Issue No.100, ଭଦ୍ରକ, ରବିବାର, ୮, ଅକ୍ଟୋବର ୨୦୧୭ ■ Bhadrak, Sunday, 8 October 2017 Rs. 2.00 Pages-8

ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା

- ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ
- କୁଆପଦା ଗ୍ରାମରେ ଉତ୍ତେଜନା
- ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ

ଡେଲାଙ୍ଗ, ୭।୧୦ (ସକାଳ ଖବର) : ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆଜି ସକାଳେ ଡେଲାଙ୍ଗ ଥାନା ଅନ୍ତର୍ଗତ କୁଆପଦା ଗ୍ରାମରେ ଜଣେ ଯୁବକଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ହତ୍ୟା ଘଟଣା ସମଗ୍ର ଡେଲାଙ୍ଗ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ହତ୍ୟାକାଣ୍ଡ ପରେ ଅପରାଧୀମାନେ ଫେରାର ହୋଇଯାଇଛନ୍ତି । ଗାଁରେ ଉତ୍ତେଜନା ପ୍ରକାଶ ପାଇଥିବାରୁ ପୁଲିସ ସତର୍କତାମୂଳକ ପଦକ୍ଷେପସ୍ୱରୂପ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରି ପରିସ୍ଥିତି ଉପରେ ନଜର ରଖିଛି । ଅଭିଯୋଗରୁ ପ୍ରକାଶ, ଡେଲାଙ୍ଗ ଥାନା ଅନ୍ତର୍ଗତ କୁଆପଦା ଗ୍ରାମର ବ୍ରଜବନ୍ଧୁ ବଳବନ୍ତରାୟଙ୍କ ପୁଅ ନିରଞ୍ଜନ ବଳବନ୍ତରାୟ (୨୯) ଆଜି ସକାଳ ପ୍ରାୟ ୬ଟା ବେଳେ ୨ ସାଙ୍ଗଙ୍କ ସହ ଶୌଚ ପାଇଁ ଗାଁ ମୁଣ୍ଡ ପୋଖରୀକୁ ଯାଇଥିଲେ । ସେଠାରୁ ବାଇକ୍ ଯୋଗେ ତିନିଜଣ ଘରକୁ ଫେରୁଥିବା ବେଳେ ପୂର୍ବ ଶତ୍ରୁତା ଓ ଗ୍ରାମ୍ୟ ବିବାଦକୁ ନେଇ ଗାଁର ୧୨ଜଣ ସଶସ୍ତ୍ର ଯୁବକ ସେମାନଙ୍କୁ ଅଟକାଇଥିଲେ । ନିରଞ୍ଜନଙ୍କୁ ଅଟକ ରଖି ସାଙ୍ଗରେ ଥିବା ତାଙ୍କର ୨ ସାଙ୍ଗଙ୍କୁ ଚାଲିଯିବାକୁ ଧମକ ଦେଇଥିଲେ । ଉଭୟେ ଗାଁ ଭିତରକୁ ଯାଇ ଲୋକଙ୍କୁ ଡାକିବା ସମୟରେ ଅପରାଧୀମାନେ **(ପୃଷ୍ଠା-୭)**

୧୩ରେ ୫୪ ହଜାର ପେଟ୍ରୋଲ ପମ୍ପ ବନ୍ଦ

ଦାବି ପୂରଣ ନହେଲେ ଅକ୍ଟୋବର ୨୭ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ

ନୂଆଦିଲ୍ଲୀ, ୭।୧୦: ବିଭିନ୍ନ ଦାବି ନେଇ ପେଟ୍ରୋଲ ପମ୍ପ ମାଲିକ ଅକ୍ଟୋବର ୧୩ରେ ଧର୍ମଘଟ କରିବାକୁ ଯାଉଛନ୍ତି । ଏହାଦ୍ୱାରା ଦେଶର ୫୪ ହଜାର ପେଟ୍ରୋଲ ପମ୍ପ ବନ୍ଦ ରହିବ । ଫେଡେରେସନ ଅଫ ମହାରାଷ୍ଟ୍ର ପେଟ୍ରୋଲ ଡିଲର ଆସୋସିଏସନର ସଭାପତି ଉଦୟ ଲୋଧୀ କହିଛନ୍ତି ୟୁନାଇଟେଡ ପେଟ୍ରୋଲିୟମ ଫ୍ରଣ୍ଟର ପ୍ରଥମ ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା । ଦେଶର ତିନି ରାଷ୍ଟ୍ରବ୍ୟାପୀ ସଂଗଠନର ସମସ୍ତ ପେଟ୍ରୋଲ ପମ୍ପ ଡିଲର ଏଥିରେ ସାମିଲ ଅଛନ୍ତି । ୨୦୧୬ ନଭେମ୍ବର ୪ରେ ତୈଳ ବିପଣନ କମ୍ପାନୀଙ୍କ ସହ ହୋଇଥିବା ଚୁକ୍ତି ମୁତାବକ ଦାବି ପୂରଣ ହୋଇନଥିବାରୁ ଅକ୍ଟୋବର ୧୩ରେ ଦେଶବ୍ୟାପୀ ପେଟ୍ରୋଲ ପମ୍ପ ବନ୍ଦ ରହିବ ବୋଲି ସଭାପତି ଉଦୟ ଲୋଧୀ କହିଛନ୍ତି । ଏତଦ୍‌ବ୍ୟତୀତ ଦୈନନ୍ଦିନ ପେଟ୍ରୋଲ ଦର ପରିବର୍ତ୍ତନ ହେଉଥିବାରୁ ଗ୍ରାହକ ଓ ଡିଲରଙ୍କୁ କ୍ଷତି ସହିବାକୁ ପଡୁଛି । ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୧୩ରେ ଦେଶର ସମସ୍ତ ୫୪ ହାଜର ପେଟ୍ରୋଲ ପମ୍ପରେ ଡିଜେଲ ଓ ପେଟ୍ରୋଲ ବିକ୍ରି ହେବ ନାହିଁ । ଏହା ସତ୍ତ୍ୱେ ଦାବି ପୂରଣ ନ ହେଲେ ଅକ୍ଟୋବର ୨୭ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ହେବ ବୋଲି ଉଦୟ ସୂଚନା ଦେଇଛନ୍ତି । ପେଟ୍ରୋଲିୟମ ଉତ୍ପାଦକୁ ଜିଏସଟିରେ ସାମିଲ କରିବା ଏବଂ ସେମାନଙ୍କୁ ଭଲ ମାର୍ଜିନ ଦେବାକୁ ସଂଘ ଦାବି କରିଛି । ସୂଚନାଯୋଗ୍ୟ ଗତ ଅକ୍ଟୋବର ୪ରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ୨ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି । ଏହାରି ପ୍ରଭାବରେ ପେଟ୍ରୋଲ ଦର ଲିଟର ପ୍ରତି ୨.୫୦ଟଙ୍କା କମିଥିବା ବେଳେ, ଡିଜେଲ ଲିଟର ପ୍ରତି ୨.୨୫ଟଙ୍କା ଶସ୍ତା ହୋଇଛି । ଉଲ୍ଲେଖଯୋଗ୍ୟ ଗତ ଜୁନ ୧୬ରେ ପେଟ୍ରୋଲ ଓ ଡିଜେଲ ଦର ଦୈନନ୍ଦିନ ପେଟ୍ରୋଲ ଦର ପରିବର୍ତ୍ତନ ହେଉଛି । ଗୋଟିଏ ପଟେ ବିଶ୍ୱବଜାରରେ ଅଶୋଧିତ ତୈଳ ଦର ମୂଲ୍ୟ ହ୍ରାସ ପାଇଥିବା ବେଳେ ଦେଶରେ ତୈଳ ଦର ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି । ଏହାର ପ୍ରଭାବରେ ଦେଶର ବିଭିନ୍ନ ସହରରେ ପେଟ୍ରୋଲ ୭୦ରୁ ୮୦ ମଧ୍ୟରେ ରହିଛି । ସେହିପରି ଡିଜେଲ ମଧ୍ୟ ପାଖାପାଖି ୭୦ ରହିଛି ।

ବନ୍ୟ ଜନ୍ତୁ ଆକ୍ରମଣଜନିତ ମୃତ୍ୟୁ କ୍ଷତିପୂରଣ ରାଶି ୪ ଲକ୍ଷ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୭।୧୦ (ସକାଳ ଖବର) : ବନ୍ୟ ପ୍ରାଣୀ ମାନଙ୍କର ଆକ୍ରମଣରେ ମୃତ୍ୟବରଣ କଲେ ସେମାନଙ୍କର ପରିବାରକୁ କ୍ଷତିପୂରଣ ରାଶି ପୂର୍ବରୁ ତିନି ଲକ୍ଷ ଟଙ୍କା ଥିବା ବେଳେ ଏହାକୁ ଚାରି ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ବନ୍ୟ ପ୍ରାଣୀ ସପ୍ତାହ ଅବସରରେ ୬୩ ତମ ରାଜ୍ୟ ସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି । ଶ୍ରୀ ପଟ୍ଟନାୟକ ତାଙ୍କ ଭାଷଣରେ କହିଛନ୍ତି ଯେ ଏବେ ଠାରୁ ଛେଳି ଓ ମେଣ୍ଢା ମଧ୍ୟ ବନ୍ୟ ଜନ୍ତୁ ଆକ୍ରମଣରେ କ୍ଷତିପୂରଣ ପ୍ରଦାନ କରାଯିବ । ମେଣ୍ଢା, ଛେଳି ବନ୍ୟ ପ୍ରାଣୀଙ୍କ ଦ୍ୱାରା ମୃତ୍ୟବରଣ କଲେ ଦୁଇ ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ଓ ମେଣ୍ଢା ଓ ଛେଳି ଶାବକଙ୍କ ମୃତ୍ୟୁ ହେଲେ ୭୫୦ ଟଙ୍କା ପ୍ରଦାନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ରାଜ୍ୟର ବନ୍ୟ ପ୍ରାଣୀଙ୍କ ସଂରକ୍ଷଣ ତାଙ୍କ ସରକାରଙ୍କର ପ୍ରାଥମିକତାରେ ରହିଛି । ସେ ନିଜ ସରକାରଙ୍କର ପ୍ରଶଂସା କରି କହିଛନ୍ତି ଯେ ସରକାରଙ୍କର ପ୍ରୟାସରେ ଲୁଣପାଣି କୁମ୍ଭୀର, ହାତୀ, ଡଲଫିନ ଓ ପ୍ରବାସୀ ପକ୍ଷୀ ମାନଙ୍କର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସଂରକ୍ଷିତ ଅଂଚଳର ଦୂର ଦୂରାନ୍ତରେ ରହୁଥିବା ଲୋକ ମାନଙ୍କର ଜୀବନ ଜୀବିକାକୁ ସଂରକ୍ଷିତ କରିବାକୁ ତାଙ୍କ ସରକାର ସଂକଳ୍ପବଦ୍ଧ । ଏ ସମ୍ପର୍କରେ ରାଜ୍ୟ ସରକାର ୨୦୧୬ ମସିହାରେ ଏକ ଗାଇଡଲାଇନ ମଧ୍ୟ ଆଣିଛନ୍ତି । ଏହି ଅବସରରେ ଶ୍ରୀ ପଟ୍ଟନାୟକ ଚକ୍ରଧର ହେମ୍ବ୍ରମଙ୍କୁ ୨୦୧୬-୧୭ ବର୍ଷ ପାଇଁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନ ପ୍ରଦାନ କରିଥିଲେ । ଏହି ପୁରସ୍କାର ବାବଦରେ ସେ ଦୁଇ ଲକ୍ଷ ଟଙ୍କା ଓ ମାନପତ୍ର, ଶାଲ ପ୍ରଦାନ କରିଥିଲେ ।

ସାତକୋଶିଆ ଆସିବେ ୬ ମହାବଳ

ଭୁବନେଶ୍ୱର,୭।୧୦ (ସକାଳ ଖବର) : ଜୈବିକ ସନ୍ତୁଳନ ରକ୍ଷା କରିବା ପାଇଁ ବାହାର ରାଜ୍ୟରୁ ମହାବଳ ବାଘ ଅଣାଯିବ । ମଧ୍ୟ ପ୍ରଦେଶରୁ ୬ ଟି ବାଘ ଅଣାଯାଇ ସାତକୋଶିଆ ଅଭୟାରଣ୍ୟରେ ରଖାଯିବ। ପ୍ରଥମ ପର୍ଯ୍ୟାୟରେ ୨/୩ଟି ଅଣାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ପ୍ରକାଶ କରିଛନ୍ତି । ଏହି ଅଭୟାରଣ୍ୟରେ ୧୫ଟି ବାଘ ରହିପାରିବେ । ସାତକୋଶିଆରେ ଅନ୍ୟ ପଶୁ ମାନଙ୍କ ସଂଖ୍ୟା ବଢି ଯାଇଥିବାରୁ ସନ୍ତୁଳନ ପାଇଁ ବାଘ ଅଣାଯିବ । ୨୦୧୬ ଗଣନା ଅନୁଯାୟୀ ସାତକୋଶିଆରେ ଗୋଟିଏ ବାଘ ରହିଥିବା କୁହାଉଥିବା ବେଳେ ପ୍ରକୃତରେ ୨ଟି ବାଘ ରହିଥିବା ମନ୍ତ୍ରୀ କହିଛନ୍ତି ।



ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୭.୧୦.୧୭)
୨,୧୫,୮୦୬

ପୋଲିସ ଇନଫର୍ମର ସନ୍ଦେହରେ ଜଣକୁ ଗୁଳି କରି ହତ୍ୟା

ମାଲକାନଗିରି, ୭।୧୦ (ସକାଳ ଖବର) : ଗତ ୪ ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ଜମିବାଡ଼ି ଓ ଗୁଣି ଗାରେଡ଼ିକୁ ନେଇ ୨ଜଣଙ୍କୁ ଗଳାକାଟି ହତ୍ୟା କରି ମାଓବାଦୀଙ୍କ କାଣ୍ଡର ରୂପ ଦେବାକୁ ଚେଷ୍ଟା କରାଯାଇଥିବା ବେଳେ ଶୁକ୍ରବାର ରାତିରେ ମାଓବାଦୀ ମାନେ ପୋଲିସ ଇନଫର୍ମର ଦର୍ଶାଇ କାଲିମେଳା ଥାନା ଅନ୍ତର୍ଗତ କୁରୁବ ଗ୍ରାମର ଜଣକୁ ଗୁଳି କରି ହତ୍ୟା କରିଥିବା ଜଣାପଡିଛି ।

ପ୍ରାପ୍ତ ସୂଚନା ମୁତାବକ, ଶୁକ୍ରବାର ରାତିରେ ୧୫ରୁ ୨୦ ଜଣ ସଶସ୍ତ୍ର ମାଓବାଦୀ କୁରୁବ ଗ୍ରାମକୁ ଆସି ପୂର୍ବରୁ ମାଓ ସଂଗଠନରେ କାର୍ଯ୍ୟ କରୁଥିବା ଡମ୍ବରୁ ନାୟକଙ୍କୁ ଜୋରଜବରଦସ୍ତ ଉଠାଇ ନେଇ ପ୍ରଜାକୋର୍ଟରେ ହାଜର କରାଇଥିଲେ ଏବଂ ସେଠାରେ ତାଙ୍କୁ ପୋଲିସ ଇନଫର୍ମର ଦର୍ଶାଇ ଗୁଳି କରି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲେ । ଏପରିକି ଯିଏ ସେମାନଙ୍କ ବିରୁଦ୍ଧରେ ଯିବ ତାର ମଧ୍ୟ ସମଦଶା ହେବ ବୋଲି ସେମାନେ ଚେତାବନୀ **(ପୃଷ୍ଠା-୭)**

ହୋଟେଲ, ଲଜ୍‌ରେ ସିସିଟିଭି ବାଧ୍ୟତାମୂଳକ

ଭୁବନେଶ୍ୱର,୭।୧୦ (ସକାଳ ଖବର) : ଆତଙ୍କବାଦୀ ଆକ୍ରମଣକୁ ଏଡାଇବା ପାଇଁ ରାଜ୍ୟରେ ଥିବା ହୋଟେଲ , ଲଜ୍ ଓ ଗେଷ୍ଟ ହାଉସ୍ ଗୁଡିକରେ କଟକଣା ରଖିବା ପାଇଁ ରାଜ୍ୟ ପୋଲିସ୍ ମୁଖ୍ୟାଳୟରୁ ଜିଲ୍ଲା ଏସପି ଓ ଡିସିପି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହା ବ୍ୟତୀତ କଟକଣା ନେଇ ପ୍ରସ୍ତୁତ ଗାଇଡଲାଇନ୍ କୁ ସେମାନଙ୍କ ନିକଟକୁ ପଠାଇ ଦିଆଯାଇଛି ।

ଏହି ନୂତନ ବ୍ୟବସ୍ଥା ଅନୁଯାୟୀ ହୋଟେଲ , ଲଜ୍ ଓ ଗେଷ୍ଟ ହାଉସ୍ ମାଲିକ ମାନେ ବ୍ୟାଗେଜ୍ ସ୍କାନର ଓ ଗାଡି ସ୍କାନର ଲଗାଇବେ । ଆସୁଥିବା ଅତିଥି ମାନଙ୍କର ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରତିଦିନ ଥାନା ମାନଙ୍କରେ ଦାଖଲ କରିବାକୁ ପଡିବ । ଆବଶ୍ୟକ ଅଗ୍ନି ନିର୍ବାପକ ବ୍ୟବସ୍ଥା ଏବଂ ସିସିଟିଭି ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି । ପ୍ରବେଶ, ପ୍ରସ୍ଥାନ ଓ ପାର୍କିଂ ପ୍ଲେସ୍ ରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ହେବ । କାହା ପ୍ରତି ସନ୍ଦେହ ଉପୁଜିଲେ ସଙ୍ଗେ ସଙ୍ଗେ ପୋଲିସ କୁ ଜଣାଇବା ପାଇଁ ହୋଟେଲ ମାଲିକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହୋଟେଲରେ ଥିବା ସମସ୍ତ କର୍ମଚାରୀ ମାନଙ୍କ ତାଲିକା ଓ ତଥ୍ୟ ଦେବାକୁ କୁହାଯାଇଛି । ବାର୍, ମ୍ୟାଜିକ, ମସାଜ୍ ର ଆରମ୍ଭ ଓ ଶେଷ ପାଇଁ ନିର୍ଦ୍ଦିଷ୍ଟ ସମୟ ରଖିବାକୁ କୁହାଯାଇଛି । ଏହି ସବୁ ସଂସ୍ଥା ମାନଙ୍କରେ ନିୟମିତ ଅନୁଧ୍ୟାନ କରିବାକୁ କୁହାଯାଇଛି ।

ପ୍ରତିଦିନର ତଥ୍ୟ ଥାନାରେ ଦାଖଲ କରିବାକୁ ନିର୍ଦ୍ଦେଶ

ଧବଳେଶ୍ୱର ଘାଟରେ ବୁଡିଗଲେ ୨ ଛାତ୍ର

ଭୁବନେଶ୍ୱର, ୭।୧୦ (ସକାଳ ଖବର) : କଟକ ଧବଳେଶ୍ୱର ଘାଟରେ ୨ ଜଣ ଛାତ୍ର ବୁଡିଯାଇଛନ୍ତି। ଛାତ୍ର ମାନେ ହେଲେ ଶୁଭଙ୍କର ପଣ୍ଡା ଓ ପ୍ରୀତମ ସେଠୀ । ଉଭୟଙ୍କ ଘର ସିଡିଏ ଅଂଚଳରେ। ଶୁଭଙ୍କର ଖ୍ରୀଷ୍ଟ କଲେଜରେ ଯୁକ୍ତ ୨ ପଢୁଥିବା ବେଳେ ପ୍ରୀତମ ଦଶମ ଶ୍ରେଣୀର ଛାତ୍ର। ଖବର ପାଇ ସ୍ଥାନୀୟ ପୋଲିସ୍ ଓ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅପରାହ୍ନରେ ଶୁଭଙ୍କରଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ପ୍ରୀତମ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ଶନିବାର ଦିନ ଶୁଭଙ୍କର ଓ ପ୍ରୀତମ ଅନ୍ୟଜଣେ ସାଙ୍ଗ ସହ ଘାଟକୁ ଗାଧୋଇବା ପାଇଁ ଯାଇଥିଲେ । ଗାଧୋଇବା ସମୟରେ ଉଭୟେ ଫଟୋ ଉଠାଉଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡି ଯାଇଥିଲେ ।

ତେଜସ୍ୱୀଙ୍କୁ ସିବିଆଇରେ ୭ଘଣ୍ଟା ପଚରାଉଚରା

ରେଲବାଇ ଟେଣ୍ଡର ଦୁର୍ନୀତି ମାମଲା।

ପାଟଣା, ୭।୧୦: ରେଳବାଇ ଟେଣ୍ଡର ଦୁର୍ନୀତି ମାମଲାରେ ରାଷ୍ଟ୍ରୀୟ ଜନତା ଦଳର ମୁଖ୍ୟ ଲାଲୁ ପ୍ରସାଦ ଯାଦବ ହରଡ଼ଘଣାରେ ପଡ଼ିଥିବା ବେଳେ ଦୁର୍ନୀତି ଅଭିଯୋଗରେ ସିବିଆଇ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଲାଲୁଙ୍କ ପୁଅ ତେଜସ୍ୱୀ ଯାଦବଙ୍କୁ ୭ଘଣ୍ଟା ପଚରାଉଚରା କରିଛି । ତେଜସ୍ୱୀ ଶୁକ୍ରବାର ପୂର୍ବାହ୍ଣ ୧୧ରେ ସିବିଆଇ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଆୟକର ବିଭାଗ ଲାଲୁଙ୍କ ପତ୍ନୀ ରାବିଡି ଦେବୀ ଓ ଝିଅ ହେମା ଯାଦବଙ୍କ ୩ଟ ପ୍ଲଟକୁ ଶୁକ୍ରବାର ଜବତ କରିଛି । ଏହି ଜମିକୁ ୯୦ ଦିନ ପାଇଁ ଅସ୍ଥାୟୀ ରୂପେ ଜବତ କରାଯାଇଛି । ଏହାରି ଭିତରେ ଲାଲୁଙ୍କ ପରିବାର ଏହି ଜମିକୁ ବିକି ପାରିବେ ନାହିଁ ବୋଲି ଆୟକର ବିଭାଗ ସ୍ପଷ୍ଟ ଭାବରେ କହିଛି । ରାବିଡ଼ି ଦେବୀଙ୍କ ଫୁଲବାରୀ ସରିଫ ମୌଜାର ସଗୁଣାରେ ୨.୫ଡିସମିଲ ଜମିନକୁ ଜବତ କରାଯାଇଛି । ସେ ଏହି ଜମିକୁ ବଧାନ ପରିଷଦର ଚପରାସି ଲଲନ ଚୌଧୁରୀଙ୍କ ଠାରୁ ଦାନ ସ୍ୱରୂପ ପାଇଥିଲେ । ଗୁରୁବାର ଲାଲୁ ପ୍ରସାଦ ଓ ତାଙ୍କର ଝିଅ ମୀସା ଭାରତୀ ସିବିଆଇ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ପଚରାଉଚରା ବେଳେ ଲାଲୁ, ସରକାଙ୍କ ଉପରେ ଦୋଷ ଲଗାଇବାକୁ ଯାଇ କହିଥିଲେ, ଏହା ରାଜନୈତିକ ଷଡ଼ଯନ୍ତ୍ର ଚାଲିଛି । ତାଙ୍କର ପରିବାରକୁ ହଇରାଣ କରିବାକୁ ଯୋଜନା କରାଯାଇଛି । ସେ କହିଛନ୍ତି, ଜେଲ ଯିବାକୁ ତାଙ୍କର ଡର ନାହିଁ । ସରକାର ହଟାଇବା ପାଇଁ ଯଦି ଫାଶୀ ଚଢ଼ିବାକୁ ପଡ଼େ ସେଥିପାଇଁ ମଧ୍ୟ ସେ ପ୍ରସ୍ତୁତ ଅଛନ୍ତି ।

ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ ଛାଡ ହେବ ନାହିଁ : ଅର୍ଥମନ୍ତ୍ରୀ

ଭୁବନେଶ୍ୱର, ୭।୧୦ (ସକାଳ ଖବର) : ପେଟ୍ରୋଲ ଓ ଡିଜେଲ ପ୍ରସଙ୍ଗରେ କେନ୍ଦ୍ରର ଆବେଦନକୁ ଆଗ୍ରାହ୍ୟ କରିଛନ୍ତି ରାଜ୍ୟ ସରକାର । ରାଜ୍ୟରେ ପେଟ୍ରୋଲ ଓ ଡିଜେଲରୁ ଭାଟ୍ ପ୍ରତ୍ୟାହାର ହେବ ନାହିଁ ବୋଲି ଆଜି ଅର୍ଥମନ୍ତ୍ରୀ ଶଶି ବେହେରା ପରୋକ୍ଷରେ ସୂଚନା ଦେଇଛନ୍ତି । ପେଟ୍ରୋଲ ଓ ଡିଜେଲରେ ୨ ଟଙ୍କା ଏକ୍ସସାଇଜ୍ ଡ୍ୟୁଟି ହେବାରୁ ବିପୁଳ କ୍ଷତି ହେଉଛି । ୫ ପ୍ରତିଶତ ସେଲ୍ ଟ୍ୟାକ୍ସ ଓ ଭାଟ୍ ଛାଡ ନେଇ ସବୁ ରାଜ୍ୟକୁ ଚିଠି ଲେଖିଛି କେନ୍ଦ୍ର । ତେବେ ପେଟ୍ରୋଲ, ଡିଜେଲରେ ତେଲ ଦରରେ ଉଭୟ ରାଜ୍ୟ ଓ କେନ୍ଦ୍ର କ୍ଷତି ସହୁଛି । ରାଜ୍ୟରେ ତେଲ ଉପରେ ଭ୍ୟାଟ୍ ଛାଡ କଲେ ରାଜ୍ୟ ଅଧିକ କ୍ଷତି ସହିବ ବୋଲି ସେ ପ୍ରକାଶ କରିଛନ୍ତି । ତୈଳ ଉପରୁ ରାଜ୍ୟ ଭାଟ୍ ପ୍ରତ୍ୟାହାର ନକରିବା ପ୍ରସଙ୍ଗରେ ସେ କହିଛନ୍ତି, କେନ୍ଦ୍ରରେ ପେଟ୍ରୋଲ ଏବଂ ଡିଜେଲରେ ୨ ଟଙ୍କା କମିବାରୁ କେନ୍ଦ୍ରର ୧ଟଙ୍କା ୧୬ ପଇସା କ୍ଷତି ହେଉଥିବାବେଳେ ରାଜ୍ୟର **(ପୃଷ୍ଠା-୭)**

ସମ୍ବିଧାନର ଆମୂଳଚୂଳ ପରିବର୍ତ୍ତନ ଜରୁରୀ: ଶଙ୍କରାଚାର୍ଯ୍ୟ



ପୁରୀ, ୭।୧୦ (ସକାଳ ଖବର) : ଧର୍ମ ସମ୍ରାଟ ପୂଜ୍ୟ କରପାତ୍ରୀଜୀ ମହାରାଜଙ୍କ ଦ୍ୱାରା ୧୯୪୮ ମସିହାରେ ପ୍ରତିଷ୍ଠିତ ରାଜନୈତିକ ଦଳ ରାମରାଜ୍ୟ ପରିଷଦକୁ ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧିଶ୍ୱର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ ଯେ ଆମେ ପୁନଃଗଠିତ କରିଥିବା ରାମରାଜ୍ୟ ପରିଷଦ କୌଣସି ରାଜନୈତିକ ପ୍ରକ୍ରିୟାରେ ଭାଗନେବ ନାହିଁ ସମାଜରେ ତଳେ ପଡ଼ିଥିବା ଜନତାର ସର୍ବବିଧ କଲ୍ୟାଣ ପାଇଁ କାର୍ଯ୍ୟ କରିବା ପ୍ରଶାସନକୁ ସୁଚିନ୍ତିତ ପରାମର୍ଶ ଦେବାସହ ଆବଶ୍ୟକ ସ୍ଥଳେ ସଂଗଠନ ଶକ୍ତି ପ୍ରଦର୍ଶନ କରି ଜନମଙ୍ଗଳ କାର୍ଯ୍ୟରେ ହେଉଥିବା ଦୁର୍ନୀତି ଭ୍ରଷ୍ଟାଚାର, ଅନ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା।

ସେ ଆହୁରୀ କହିଲେ ଯେ, ଭାରତବର୍ଷରେ ପ୍ରଶାସନ ଗୋଟିଏ ସମୟରେ ଧର୍ମଗୁରୁମାନଙ୍କ ଦ୍ୱାରା ସୁନିୟନ୍ତ୍ରିତ ଥିଲା। ଆଜିର ସମାଜରେ ମଧ ତା'ର ଆବଶ୍ୟକତା ରହିଛି। ଭାରତକୁ ଯଦି ବିଶ୍ୱଗୁରୁର ସ୍ଥାନରେ ଆମେ ଦେଖିବା ପାଇଁ ଚାହୁଁଥାଉ, ତେବେ ଆମ ସଂସ୍କୃତି ଅନୁରୂପ ଧର୍ମ ନିୟନ୍ତ୍ରିତ ପକ୍ଷପାତ ବିହୀନ ସର୍ବହିତ ପ୍ରଶାସନର ପ୍ରତିଷ୍ଠା ପାଇଁ ଆମ ସମ୍ବିଧାନର ଆମୂଳଚୂଳ ପରିବର୍ତ୍ତନର ଆବଶ୍ୟକତା ରହିଛି।

ଉତର ପ୍ରଦେଶର ବୃନ୍ଦାବନ ଠାରେ ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ନିଜସ୍ୱ ଆଶ୍ରମ ଶ୍ରୀ ହରିହର ଆଶ୍ରମ ଠାରେ ଅନୁଷ୍ଠିତ ଏହି ଦୁଇଦିନିଆ ସଂଗୋଷ୍ଠିରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଭାରତବର୍ଷର ସାଧାରଣ ଜନତା ଶାସନର ସୁଫଳକୁ ଅନୁଭବ କଲେ ହିଁ, ତାହା ହିଁ ପ୍ରକୃତ ରାମରାଜ୍ୟ।

ଶ୍ରୀହରିହର ଆଶ୍ରମର ବ୍ୟବସ୍ଥାପକ ଆଚାର୍ଯ୍ୟ ବିବେକ ମିଶ୍ର ସ୍ୱାଗତ ଭାଷଣ ଦେବାପରେ ରାମ ରାଜ୍ୟ ପରିଷଦର ନିରୀକ୍ଷକ ସ୍ୱାମୀ ନିର୍ବିକଳ୍ପାନନ୍ଦ ମହାରାଜ କାର୍ଯ୍ୟକ୍ରମର ରୂପରେଖ ଦେବାସହ ଭବିଷ୍ୟତ କାର୍ଯ୍ୟକ୍ରମ ବିଷୟରେ ମତବ୍ୟକ୍ତ କରିଥିଲେ, ସମସ୍ତ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ସଂଯୋଜକ ମନୋଜ ରଥ ପରିଚାଳନା କରିଥିଲେ। ଏହି ଦୁଇଦିନିଆ ସଂଗୋଷ୍ଠିରେ ଉତର ପ୍ରଦେଶ, ବିହାର, ପଞ୍ଜାବ, ହରିୟାନା, ଛତିଶଗଡ଼, ଓଡ଼ିଶା, ମଧ୍ୟପ୍ରଦେଶ, ରାଜସ୍ଥାନ ପ୍ରଭୃତି ୧୫ଟି ରାଜ୍ୟରୁ ୫୫ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ସଂଯୋଜକ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେମନ୍ତ ଦାସ, କୋଷାଧ୍ୟକ୍ଷ କିଶନ ଭରତିଆ ଯୋଗଦେଇ କନ୍ୟା ସନ୍ତାନର ସୁରକ୍ଷା ଓ ପର୍ଯ୍ୟାବରଣ ଉପରେ ମତାମତ ଦେଇଥିଲେ। ଭାରତୀୟ ଜନତା ପାର୍ଟି କେନ୍ଦ୍ରୀୟ କୃଷକ ମୋର୍ଚ୍ଚାର ଉପାଧ୍ୟକ୍ଷ ନରେଶ ସିରୋହି କୃଷକ କଲ୍ୟାଣ ପାଇଁ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ରାମରାଜ୍ୟ ପରିଷଦର ଦ୍ୱିତୀୟ ପୂର୍ଣ୍ଣାଙ୍ଗ ଅଧିବେଶନ ୨୦୧୮ ମସିହା ଜାନୁଆରୀ ୩ ତାରିଖରେ ପୁରୀଠାରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ରଥଙ୍କ ସୂତ୍ରରୁ ପ୍ରକାଶ।

ନଭେମ୍ବର ୧ରୁ ବସ୍ ଧର୍ମଘଟ

ଭୁବନେଶ୍ୱର, ୭।୧୦ (ସକାଳ ଖବର) : ବିଭିନ୍ନ ଦାବି ପୂରଣ ନେଇ ଆସନ୍ତା ନଭେମ୍ବର ୧ ତାରିଖରୁ ଘରୋଇ ବସ୍ ଧର୍ମଘଟ ହେବ । ଏ ସମ୍ପର୍କରେ ସଂଘର ସାଦାରଣ ପରିଷଦ ବୈଠକରେ ନିଷ୍ପତି ନିଆଯାଇଛି ବୋଲି ସମ୍ପାଦକ ଦେବେନ୍ଦ୍ର ସାହୁ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଉକ୍ତ ଦାବି ସମ୍ପର୍କରେ ସରକାରଙ୍କୁ ବିଭିନ୍ନ ସମୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲେ ହେଁ ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଚଳିତ ମାସ ସୁଦ୍ଧା ଏହି ଦାବି ପୂରଣ ନ ହେଲେ ୧ ତାରିଖ ଠାରୁ ଧର୍ମଘଟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ସେ କହିଛନ୍ତି ।

œÿ†ÿœÿ FœÿFÓ AoÁÿ ¨æB ¯ÿ{ f ÝÀÿ œÿSÀÿ Óµÿæ¨ †ÿ þ{œÿæœÿê†ÿ

¨œÿ... œÿþæ~ {Üÿàÿæ Lÿ Ì ¨Àÿæ þÉ {Lÿ¢ÿ

fàÿæ ¯ÿLÿæÉ Óþœÿß H †ÿ'ÿæÀÿQ Lÿþs { ¯ÿvÿLÿ Aœÿ Ï †ÿ

HÝAæ ÓæÜÿ†ÿ¿ ¨ÓæÀÿ{Àÿ Àÿæ f¿ FLÿæ{xÿþêÀÿ µÿþLÿæ ¨ÉóÓœÿêß

24 {Lÿf S{qB f ÿ†ÿ, 2 SÀÿüÿ

_{¨æQÀÿê{Àÿ ¯ÿxÿ ¯ÿ• þ†ÿ

ÓüÿÁÿ†ÿæ ¨æ© œÿþ{;ÿ Ó¼Áÿ†ÿ ¨ßæÓ þÁÿþ¦

xÿAæÀÿFþ Lÿæ¾¿æÁÿß Ó¼Q{Àÿ ™æÀÿ~æ

¯ÿ{ßæ{ f¿æÏ þæ{œÿ Aæþ ¨æB {¨Àÿ~æÀÿ DÓ : †ÿ¨ œÿ Lÿþ æÀÿ `ÿæ¢ÿ

œÿ{ ”ÉLÿ œÿ{Àÿ¢ÿ ¨ÀÿÝæ Óº•†ÿ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ’ÿLÿ : Aþ†ÿ Lÿþæ Àÿ þàÿLÿ